# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

### 7 February – 2025

---

## ଷୋଡ଼ଶ ଅର୍ଥ କମିଶନ

ରାଜ୍ୟ ସରକାର ଓଡ଼ିଶା ଲାଗି ଷୋଡଶ ଅର୍ଥ କମିଶନଙ୍କ ନିକଟରେ ୧୨ ଲକ୍ଷ ୫୯ ହଜାର ୧୪୮ କୋଟି ଟଙ୍କାର ଦାବି ଉପସ୍ଥାପନ କରିଛନ୍ତି। ୨୦୨୬ ରୁ ୨୦୩୧ ମସିହା ପର୍ଯ୍ୟନ୍ତ ପଞ୍ଚବର୍ଷୀୟ ଯୋଜନା ପାଇଁ ଦାବି ଉପସ୍ଥାପନ କରାଯାଇଛି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅର୍ଥ କମିଶନଙ୍କ ସହ ଆଲୋଚନା ପରେ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି :

**V/O**

ସୂଚନା ଅନୁସାରେ, ଡକ୍ଟର ଅରବିନ୍ଦ ପନଗଢ଼ିଆଙ୍କ ନେତୃତ୍ୱରେ ଷୋଡଶ ଅର୍ଥ କମିଶନ ଗତ ୪ ତାରିଖରୁ ଓଡ଼ିଶା ଗସ୍ତରେ ଆସିଛନ୍ତି।

---

## ନିଯୁକ୍ତି ମେଳା

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଭୁବନେଶ୍ୱରରେ ନିଯୁକ୍ତି ମେଳାରେ ବିଭିନ୍ନ ବିଭାଗର ୬ ହଜାର ୩୯୦ ଜଣଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରିବେ । ବିକଶିତ ଭାରତ ଗଠନ ଲକ୍ଷ୍ୟରେ ସମୃଦ୍ଧ, ସଶକ୍ତ ଓ ବିକଶିତ ଓଡ଼ିଶା ନିର୍ମାଣ ସହ ଯୁବଶକ୍ତିଙ୍କୁ ସୁଯୋଗ ଦେବା ପାଇଁ ନିଯୁକ୍ତି ମେଳାର ଆୟୋଜନ କରାଯାଉଛି ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି ।

## ବକୁଳବନ

ପୁରୀସ୍ଥିତ ସତ୍ୟବାଦୀ ବନ ବିଦ୍ୟାଳୟ ଓ ବକୁଳବନର ପୁନରୁଦ୍ଧାର କରାଯିବ । ଗତକାଲି ଲୋକସେବା ଭବନରେ ଅନୁଷ୍ଠିତ ବୈଠକରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ନିର୍ଦ୍ଦେଶ ଦେଇଛନ୍ତି । ଛାତ୍ରଛାତ୍ରୀମାନଙ୍କୁ ସତ୍ୟବାଦୀ ବକୁଳବନର ଐତିହ୍ୟ ଓ ପରମ୍ପରା ସଂପର୍କରେ ଅବଗତ କରାଇବା ପାଇଁ ଏହାର ମୂଳଢ଼ାଞ୍ଚା ଅନୁରୂପ ବିକାଶ କରାଯିବ ବୋଲି ଜଣାପଡ଼ିଛି ।

---

## ଫାଇଲେରିଆ ଦୂରୀକରଣ

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ରାଜ୍ୟର ୬ଟି ଫାଇଲେଣିଆ ପ୍ରବଣ ଜିଲ୍ଲାରେ ଲିମ୍ଫାଟିକ୍ ଫାଇଲେରିଆ ଦୂରୀକରଣ ପାଇଁ ଆସନ୍ତା ୧୦ ତାରିଖରୁ ୧୯ ତାରିଖ ପର୍ଯ୍ୟନ୍ତ ସାମୂହିକ ଔଷଧ ସେବନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଏହି ସମୟରେ ଲୋକଙ୍କୁ ଫାଇଲେରିଆ ରୋଗର କାରଣ ଓ ନିରାକରଣ ସଂପର୍କରେ ସଚେତନ କରାଯିବ । ବଲାଙ୍ଗୀର, କଟକ, କଳାହାଣ୍ଡି, କନ୍ଧମାଳ, ନୟାଗଡ଼ ଓ ରାୟଗଡ଼ା ଜିଲ୍ଲାରେ ଏହି କାର୍ଯ୍ୟକ୍ରମ ହେବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି ।

---

## ବୈଠକ

ମାଲକାନଗିରି ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ବିଧାନସଭା ଷ୍ଟାଣ୍ଡିଂ କମିଟି ବୈଠକ ଅନୁଷ୍ଠିତ ହୋଇଛି । ଡାବୁଗାଁ ବିଧାୟକ ମନୋହର ରନ୍ଧାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଅନୁସୂଚିତ ଜାତି ଓ

ଜନଜାତି କଲ୍ୟାଣ, ଶ୍ରମ, କର୍ମନିଯୁକ୍ତି, କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ବିଭାଗରେ କାର୍ଯ୍ୟକାରୀ ହେଉଥିବା ଯୋଜନାଗୁଡ଼ିକର ସମୀକ୍ଷା ହୋଇଥିଲା ।

---

## କୁମ୍ଭୀର ଗଣନା

ମୟୂରଭଞ୍ଜ ଜିଲ୍ଲାର ଶିମିଳିପାଳ ଅଭୟାରଣ୍ୟ ଏବଂ ସଂଲଗ୍ନ ବନଖଣ୍ଡ ଗୁଡ଼ିକର କୁମ୍ଭୀର ଗଣନା ରିପୋର୍ଟ ପ୍ରକାଶ ପାଇଛି । ଚଳିତବର୍ଷ ଅଭୟାରଣ୍ୟରେ ମୋଟ୍ ୮୧ଟି କୁମ୍ଭୀର ଥିବା ଜଣାପଡ଼ିଛି । ଗତ ଜାନୁୟାରୀ ମାସ ୬ରୁ ୮ ତାରିଖ ପର୍ଯ୍ୟନ୍ତ କୁମ୍ଭୀର ଗଣନା ହୋଇଥିଲା ।

---

## ରପ୍ତାନୀ କର୍ମଶାଳା

ରାଷ୍ଟ୍ରୀୟ କୃଷି ଓ ଗ୍ରାମୀଣ ବିକାଶ ବ୍ୟାଙ୍କ-ନାବାର୍ଡ ପକ୍ଷରୁ ଭୁବନେଶ୍ୱରରେ ଆଜିଠାରୁ ୩ ଦିନିଆ ରପ୍ତାନୀ କର୍ମଶାଳା ଆରମ୍ଭ ହେଉଛି । କର୍ମଶାଳାରେ ଫଳ ଓ ପନିପରିବା ରପ୍ତାନୀ ବୃଦ୍ଧି ଉପରେ ଆଲୋଚନା କରାଯିବ । ଏହା ସହ କୃଷି ଉଦ୍ୟୋଗୀମାନଙ୍କୁ ଅତ୍ୟାବଶ୍ୟକ ଜ୍ଞାନକୌଶଳ ଏବଂ ଦକ୍ଷତା ପ୍ରଶିକ୍ଷଣ ପ୍ରଦାନ କରାଯିବ ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି ।

---

## ପ୍ରତିଭା ପ୍ରଦର୍ଶନ

କେନ୍ଦ୍ରାପଡ଼ା ଜିଲ୍ଲା ସଦ୍‌ଭାବନା ଗୃହଠାରେ ସମନ୍ୱିତ ଶିଶୁ ବିକାଶ ବିଭାଗ ପକ୍ଷରୁ ବ୍ଲକସ୍ତରୀୟ ପ୍ରତିଭା ପ୍ରଦର୍ଶନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ କେନ୍ଦ୍ରାପଡ଼ା ବ୍ଲକର ୬୦ରୁ ଅଧିକ ଛାତ୍ରଛାତ୍ରୀ ବିଭିନ୍ନ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରି ସେମାନଙ୍କ ପ୍ରତିଭା ପ୍ରଦର୍ଶନ କରିଥିଲେ ।

---

# କୃଷକ ପଞ୍ଜୀକରଣ

ସରକାରଙ୍କ ଡିଜିଟାଲ କୃଷି ଅଧୀନରେ କୃଷକ ପଞ୍ଜୀକରଣ ଜାରି ରହିଛି । ଏଥିପାଇଁ ଆଧାର କାର୍ଡ, ଭୂ-ଲେଖ ପଟ୍ଟା ଏବଂ ଆଧାର ସଂଯୁକ୍ତ ମୋବାଇଲ୍ ନମ୍ବରର ଆବଶ୍ୟକତା ରହିଛି । କୃଷକମାନେ ଅଧିକ ସୂଚନା ପାଇଁ ୧୫୫୩୩୩ ସହାୟତା ନମ୍ବରରେ ଯୋଗାଯୋଗ କରିପାରିବେ ।

---

# ବାରବାଟୀ ମ୍ୟାଚ୍

କଟକ ବାରବାଟୀ ଷ୍ଟାଡିୟମରେ ଆସନ୍ତା ୯ ତାରିଖ ରବିବାରଦିନ ଅନୁଷ୍ଠିତ ହେବାକୁ ଥିବା ଭାରତ-ଇଂଲଣ୍ଡ ଏକଦିବସୀୟ କ୍ରିକେଟ ମ୍ୟାଚ୍ ପାଇଁ ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଉଭୟ ଦଳ ଆଜି ଭୁବନେଶ୍ୱରରେ ପହଞ୍ଚିବେ ଏବଂ ଆସନ୍ତାକାଲି ବାରବାଟୀ ଷ୍ଟାଡିୟମରେ ଅଭ୍ୟାସ କରିବେ ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି। ମ୍ୟାଚ୍ ପାଇଁ ୫୦ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯିବ। ଅପରପକ୍ଷରେ ମ୍ୟାଚ୍ ପାଇଁ ଅନ୍‌ଲାଇନ୍‌ରେ ଟିକେଟ୍ କିଣିଥିବା ଦର୍ଶକ ଆଜିଠାରୁ ସ୍ୱତନ୍ତ୍ର କାଉଣ୍ଟରରୁ ଟିକେଟ୍ ସଂଗ୍ରହ କରିପାରିବେ ।

---

# ଜାତୀୟ କ୍ରୀଡ଼ା

ଉତ୍ତରାଖଣ୍ଡରେ ଚାଲିଥିବା ୩୮ତମ ଜାତୀୟ କ୍ରୀଡ଼ା ପ୍ରତିଯୋଗିତାରେ ଓଡ଼ିଶା ମହିଳା ଫୁଟବଲ ଦଳ ରୌପ୍ୟ ପଦକ ହାସଲ କରିଛି । ଫାଇନାଲ୍ ମ୍ୟାଚ୍‌ରେ ଓଡ଼ିଶା ସୁଟ୍‌ଆଉଟ୍‌ରେ ହରିଆଣାଠାରୁ ୨-୪ ଗୋଲ୍‌ରେ ପରାସ୍ତ ହୋଇଥିଲା ।

---

# ପାଣିପାଗ

ରାଜ୍ୟରେ ତାପମାତ୍ରା ବୃଦ୍ଧି ପାଇବାରେ ଲାଗିଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ, ଗତକାଲି ୩୫ଟି ସହରର ଦିନର ସର୍ବୋଚ୍ଚ ତାପମାତ୍ରା ୩୦ ଡିଗ୍ରୀ ସେଲସିୟସ୍ ଉପରେ ରେକର୍ଡ କରାଯାଇଥିଲା । ଅପରପକ୍ଷରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଘନ କୁହୁଡି ହେବା ନେଇ ଗଞ୍ଜାମ, ନୟାଗଡ଼, କଟକ ଖୋର୍ଦ୍ଧା ଜିଲ୍ଲା ପାଇଁ ସତର୍କ ସୂଚନା ଜାରି କରାଯାଇଛି ।

........................................................................................